**GOVERNMENT OF ODISHA**

**REVENUE AND DISASTER MANGEMENT DEPARTMENT**

********

**No. RDM-CHS-EXINST-0001-2024 6562 /RDM, dated** 18 FEB 2025

From

Shri Deoranjan Kumar Singh, I.A.S.

Additional Chief Secretary to Government

To

The Secretary , Board of Revenue, Odisha

Director of Land Records & Survey,Odisha

All RDCs

All Collectors

**Sub: Special drive for Updation of Tenant's Name in Column-2 of RoR and issue of SoP-Reg**

Ref: This dept.i) letter No. 5269/R&DM dated 26.2.2024

ii) Letter No. 34126/ACSR&DM dated 7.10.2022

iii) Letter No. 31999/ACS&R&DM dated 21.9.2022

Madam/Sir,

I am to say that up-to-date RoRs is a precursor to efficient ecosystem of Revenue Administration and good governance as well. But most of the current RoRs which are being used in Revenue Administration are quite old and, in some cases, it is more than two generations old and do not bear the ground reality in terms of name of present actual owner and their details and instead of that they mention the names and other details of their ancestors.

Maintenance of RoRs as envisaged under Sec-16 of OS&S Act 1958 is the first and foremost duty of Tahasildar, being the Chief Officer-in-charge of revenue administration of concerned jurisdiction. In this regard, many instructions have been issued in the past vide letters under reference, but no

headway so far is witnessed mainly due to lackadaisical attitude of Tahasildars for such updation work .

Now, preparation of Farmer Registry is under way where integration of RoR recorded in the name of tenant/farmer is an essential feature of the database and its progress entirely rests with up-to-date database of ownership details in column number 2 of RoR.

A special drive through village camp mode with mobile responsive App especially designed for this purpose will be undertaken in every Tahasil . Hence, for smooth conduct of special drive , a detailed guideline and SOP is hereby issued at Annexure-A in supersession of all instructions issued earlier relating to tenant column updation in the name of successors. The guideline mentioned in the SOP should be followed meticulously at all levels for successful updation of tenant's name in Column 2 of RoR. Collectors should ensure the commencement of the special drive immediately as per the SOP.

Any deviation of the aforesaid guideline at any level will be viewed very seriously and exemplary action will be taken against the defaulting officers.

Yours faithfully,

17/02/2025

Additional Chief Secretary to Government

**Memo. No** 6563 **/RDM, dated** 18 FEB 2025

Copy forwarded to PS to Hon'ble Minister, Revenue & DM for kind information of Hon'ble Minister, Revenue & DM.

18/02/2025

Additional Secretary to Government

**Memo. No** 6564 **/RDM, dated** 18 FEB 2025

Copy forwarded to OSD to Chief Secretary, Odisha for kind information of Chief Secretary, Odisha.

18/02/2025

Additional Secretary to Government

**Memo. No** 6565 **/RDM, dated** 18 FEB 2025

Copy forwarded to PS to Agriculture Production Commissioner-cum-ACS for kind information of Agriculture Production Commissioner-cum-ACS.

18/02/2025

Additional Secretary to Government

**Memo. No** 6566 **/RDM, dated** 18 FEB 2025

Copy forwarded to Principal Secretary, Agriculture and Farmers' Empowerment Department/ Director of Agriculture and Food Production for kind information.

18/02/2025

Additional Secretary to Government

**Memo. No** 6567 **/RDM, dated** 18 FEB 2025

Copy forwarded to All Tahasildars / All Sub-Collectors for information and necessary action.

18/02/2025

Additional Secretary to Government

**Memo. No** 6568 **/RDM, dated** 18 FEB 2025

Copy forwarded to SIO, NIC, Bhubaneswar for information and necessary action.

18/02/2025

Additional Secretary to Government

**Memo. No** 6569 **/RDM, dated** 18 FEB 2025

Copy forwarded to P.S to ACS, Revenue & DM Department for kind information of ACS, Revenue & DM Department

18/02/2025

Additional Secretary to Government

ANNEXURE- A

## SOP for Updation of Tenant in ROR

### 1. Backgorund Note:

Post-independence Record-of-Rights in our state were prepared and finally published at different periods between 1962 to 2014 under OS&S Act 1958 and OCH&PFL Act 1972. In the meantime, considerable time has elapsed without any revision settlement operation being held thereafter. About 75-80% of deceased original tenants are continuing in ROR without being substituted by their successors-in-interest. Except mutation based on sale-purchase transactions, the reflection of present actual tenant as per ground reality in RoR is meagre. As of now, there exist 1,93,77,376 khatiyans/ holdings having 3,95,42, 881 recorded tenants in Revenue records. It is a matter of concern that in last 4 years, only 4,12,016 Khatiyan has been updated by means of application received, both online and offline rendering tenants' column of RORs largely obsolete.

The prime duty of all Revenue Officer is to update RORs as envisaged under OS&S Act 1958. The up-to-date RoR is undeniably a precursor to efficient Revenue Administration and implementation of various welfare schemes like PM Kisan, Bank loans, agricultural insurance etc.

Further, implementation of Agristack (Digital Public Infrastructure for Agriculture) under ongoing Digital Agriculture Mission encounters much difficulty in moving ahead due to discrepancies between present landowner farmer and RoR data. GoI has announced a Special Central Assistance of Rs.5000 Crore to the states to incentivize the States to create Farmers' ID which includes comprehensive and useful data on farmers' demographic details. Land holdings, and crop sown. Thus, it is a great opportunity to start a special drive for succession updation in RoRs with collaborative effort of both Revenue and Agriculture Dept.

### 2. Objective:

To achieve substitution of all dead recorded tenants in column 2 of RORs with their legal successors through suo-motto initiation of mutation cases on the basis of inheritance in a time bound manner across the state under a special drive/campaign which is a gigantic exercise involving ownership updation of immovable property and first of its kind on the part of revenue officials. Thus, a meticulous tiered approach by leveraging IT with mobile App (ଖାନା-୨ ପଟ୍ଟା ସଂଶୋଧନ) is highly imperative to preclude any mischief or wrong-doing in the process. Further, to ensure inclusiveness and accessibility for all tenants regardless of their technical proficiency or location, village-camp approach will be adopted.

### 3. Process of collection of information and thereby Instituting of Inheritance cases:

Temporary camps in villages will be set up and RI to capture on-the-spot information on deceased tenants and their surviving legal heirs through Mobile Responsive Web App (URL***https://bhulekh.ori.nic.in/RILogin.aspx***). The credential of the users is same as that of LRMS application. The user manual of the App is enclosed at **Annexure-I.**

(i) Tahasil administration will prepare a detail program of village wise camp at identified location within a village in advance. The said program should be published in village concerned, GP Offices, Tahasil, Block Office and other Govt. Offices of the locality for wide awareness among the public.

(ii) On opening day, the Addl.Tahasildar/RS/RI will hold a meeting with the villagers to explain the objective behind such camp and benefits out of these special initiatives for updation. The presence of elderly peoples should be encouraged in the camp as they are the key facilitators in collection of true ground data like who are the son/daughters of a tenant died since long and where they are now living in, etc.

(iii) RI/ARI having reliable internet connection and Android/IOS phone or proper computer setup will access the specially designed App through their own user credential of LRMS.

(iv) First of all, RI will identify the recorded tenants who are dead in each and every Khata/holding in ascending order and against each such khata, he will prepare a Genealogy Tree or list of successor-in-interest for each deceased person in (**Annexure-II**) with details of his/her name, age, relationship, mobile number and consent based Aadhaar number, as stated by the Legal Heirs in presence of other local witnesses.

(v) Simultaneously, RI will enter the detail of successors-in-interest viz. name, age, relationship, Aadhar and mobile number in mobile App and generate a computerised copy of the field enquiry report in the format designed (**Annexure-III**) and obtain signature of declarant-successors and other witnesses present during enquiry. Enough caution and carefulness must be adopted to ensure that no female legal heir is getting excluded in the said list. The Aadhaar Number and Mobile Number of the RT/legal heir will only be used for land records and shall not be form part of any public documents and copy thereof shall not be issued.

(vi) Any legal heir certificate, if issued earlier against a deceased tenant, can be used for reference but will not be considered as a conclusive proof of successors-in-interest. Further enquiry into the legal heirship to be

conducted and accordingly, the genealogy or list of successor-in-interest will be prepared against the deceased tenant(s).

RI shall have to enquire at least 25 khatas or 25 deceased tenants in a day by preparing their genealogy report as well as entering all data in mobile App.

(vii) During course of enquiry, if all co-sharers of a holding express willingness to effect partition of joint property among themselves through mutual consent, then RI shall collect application giving a full description of the land and other details as may be necessary to that effect u/s 19(1)c of OLR Act 1960, and submit the same in Tahasil office for initiating a partition case thereof.

(viii) After finalisation of enquiry and submission of online report (uploading scanned copy of the genealogy / field visit memorandum), auto-institution of inheritance case will be generated in LRMS against all such khatas where the enquiry report has been received.

(ix) At the end of enquiry in respect to a village, Tahsildar shall publish general proclamation/notice in form-9 inviting objection ,if any, and individual notice as per para 38 of mutation manual to the draft genealogy/list of successors against the deceased tenants in the village concerned, GP Offices, Tahasil,Block Office and other Govt. Offices of the locality in the manner as prescribed under mutation manual and Rule-4 of Odisha Survey &Settlement Rules,1962 along with hoisting in website.

(x) After proclamation period is over, Tahsildar shall act upon the cases where no objection is received from any quarter and shall order for substitution of deceased tenant with their legal heirs as determined during course of enquiry followed with correction of column-2 of respective RORs on the same day.

(xi) In case of objection, the complainant must submit his objection petition either in person/ any member of his family or send through Regd. Post to Tahasildar. A village-wise objection register shall be maintained in Tahasil office in **Annexure-IV** for streamlining the disposal of objection petition. Tahasildar shall afford due opportunity of being heard to both parties personally or through their legal representative in hybrid mode. If required, Tahsildar may hold camp court in the village, posting all cases of the village to that date. These contested cases shall be finalised within a period of two months.

(xii) While determining legal heirs of deceased recorded tenants, instructions issued in paragraph 42-46 of *Rayati Jami Record Kariba Pranali* issued by this Department vide letter No. 47582/dated 12.10.1990

should be followed carefully. Para 42 to 46 of *Rayati Jami Record Kariba Pranali* is given at **Annexure-V.**

(xiii) The land allotted by GA & PG Department which were recorded under Pattadar status shall be updated in Column 2 of respective khata only after receipt of mutation order from GA & PG Department.

(xiv) The villages where survey and settlement operation is continuing, the final RoR will be prepared with alive tenants as per the provision of the respective Act & Rules.

(xv) Since there is no requirement of measurement / demarcation for inheritance mutation, no measurement fee would be applicable for such Suo-motto institution of case and updation thereof in LRMS portal, but an updated ROR may be provided to the tenant on payment of usual user fee.

## 4. Monitoring Mechanism:

Progress on all stages of this campaign i.e. Khata to Khata (K2K) survey, preparation of genealogy, entering data in Mobile responsive web App, publication of general notices, objection hearing and updation of RoR shall be monitored by the Supervisory Officers of the District and higher Authority of State to ensure that the work is not being done in perfunctory manner and to undertake field verification where felt necessary.

The ADMs (Revenue) and Sub-Collectors will act as District nodal officers and Sub-divisional nodal Officers respectively to monitor the programme meticulously and hold regular review of the progress using the report to be generated out of LRMS. Collectors shall hold monthly review meeting of progress of this drive.

An assessment index will be prepared RI wise and Tahasil wise which will be regarded as Key Performance Indicator in Annual Performance Appraisal of all field functionaries including Tahasildar/ Addl.Tahasildar.

## 5. Incentive for RI /Revenue Supervisor

RI/Revenue supervisor will be incentivized with Rs.5 per AADHAAR authenticated tenant entered through the App developed as per the norms of DILRMP.

## 6. Information, Education, & Communication (IEC)

To ensure effective user engagement, progress monitoring, and issues resolution, a dedicated helpdesk should be established in Tahasil Office. IEC activities will be taken up through various channels, including radio, newspapers, loudspeakers, banners, etc., to educate farmers. To ensure widespread outreach and awareness among farmers, the PRI members and other eminent persons of the locality may be involved.

## 7. Continuous updation:

Post-updation drive, continuous changes in Column 2 of ROR through inheritance cases will be taken up to keep the land records up-to-date. In the event of application for any legal heir certificate of a deceased tenant under Odisha Miscellaneous Certificate Rules,2019, options will be provided for applying under Rule 34 of OSS Rules to update the khata(s) in which the deceased is a recorded tenant.

*****

Annexure - I


# User Manual

Bhulekh Application for RoR Updation

1


## Login into Portal

https://bhulekh.ori.nic.in/RILogin.aspx





2

# District Selection





3

# Username and Password





4

# Tenant Updation





5

# Village Selection





6

# Khatiyan Number Selection





7

# RT status





8

# Successor Updation





9

# Successor Details Updation





10

# Successor Details Updation





11

# Legar Heir Certificate




12

# Document Upload




13

# Save Application




14

Annexure-II

## ମୌଜା...... ଖାତା ନଂ..... ମୃତ ରୟତଙ୍କ ବଂଶାବଳୀ ବୃକ୍ଷର ତଦନ୍ତ ବିବରଣୀ

୧. ତଦନ୍ତ ସ୍ଥାନ ଓ ତାରିଖ :

୨. ମୌଜାର ନାମ :

୩. ଖାତା ନଂ :

୪. ଜମିର ପରିମାଣ :

୫. ଖାତା ରୟତଙ୍କର ନାମ :

**ବଂଶାବଳୀ ବୃକ୍ଷ**

କ୍ର.ନଂ ୧

କ୍ର.ନଂ ୨

କ୍ର.ନଂ ୩

ଖାନା ୨ ସଂଶୋଧନ କ୍ୟାମ୍ପ ରେ ଗ୍ରାମବାସୀ ମାନଙ୍କ ଉପସ୍ଥିତରେ ତଦନ୍ତ ଅନୁସାରେ ମୃତ ରୟତଙ୍କ ଉପରୋକ୍ତ ବଂଶାବଳୀ ବୃକ୍ଷ ନିର୍ଣ୍ଣୟ କରାଗଲା ।

(ତଦନ୍ତ ସମୟରେ ଉପସ୍ଥିତ ଉତ୍ତରାଧିକାରୀ ଓ ସାକ୍ଷୀଙ୍କ ସ୍ୱାକ୍ଷର ଓ ଠିକଣା ) ।
ଉପରୋକ୍ତ ତଥ୍ୟ ଆମ ଜ୍ଞାତ ସାରରେ ସଠିକ ଅଛି ।

୧.

୨.

ରାଜସ୍ୱ ନିରୀକ୍ଷକ ଙ୍କ ସ୍ୱାକ୍ଷର ଓ ମୋହର

**Annexure-III**

# ପ୍ରଜା ଖାନା ସଂଶୋଧନ ନିମିତ୍ତ ତଦନ୍ତ ବିବରଣୀ

## ରାଜସ୍ୱ ନିରୀକ୍ଷକ................., ତହସିଲ......................., ଜି.......................

**Part-A(to be generated from Bhulekh)**

୧. ତଦନ୍ତ ସ୍ଥାନ ଓ ତାରିଖ :

୨. ମୌଜାର ନାମ :

୩. ଖାତା ନଂ :

୪. ଜମିର ପରିମାଣ :

୫. ଖାତା ରୟତଙ୍କର ନାମ :

**Part-B( to be enquired by RI in field)**

୬. ମୃତ ରୟତଙ୍କ ଉତ୍ତରାଧିକାରୀ ନାମ,ବୟସ, ଠିକଣା ଓ ମୃତକଙ୍କ ସହ ସମ୍ପର୍କ

| କ୍ରି. ନଂ | ଖାତା ରୟତଙ୍କ ନାମ | ମୃତ /ଜୀବିତ | ମୃତ ରୟତଙ୍କ ଉତ୍ତରାଧିକାରୀଙ୍କ ନାମ | ସମ୍ପର୍କ | ବୟସ | ଠିକଣା | ବଂଶାବଳୀ ବୃକ୍ଷ ର କ୍ରମିକ ସଂଖ୍ୟା |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | | | | | | |
| | | | | | | | |
| | | | | | | | |

(ମୃତ୍ୟୁ ସାର୍ଟିଫିକେଟ ଓ ଉତ୍ତରାଧିକାରୀ ପ୍ରମାଣପତ୍ର, ଯଦିଥାଏ ସଂଲଗ୍ନ କରିବେ)

୭. ଉତ୍ତରାଧିକାରୀଙ୍କ ସ୍ୱାକ୍ଷର । ଉପରୋକ୍ତ ମୃତ ରୟତଙ୍କ ଉତ୍ତରାଧିକାରୀଙ୍କ ନାମ ସଠିକ ଭାବେ ନିରୂପଣ କରାଯାଇଛି ।

୧.

୨.

ତଦନ୍ତ ସମୟରେ ସାକ୍ଷୀଙ୍କ ସ୍ୱାକ୍ଷର ଓ ଠିକଣା । ଏହା ଆମ ଜ୍ଞାତ ସାରରେ ସଠିକ ଅଛି ।

୧.

୨.

ଖାନା ୨ ସଂଶୋଧନ କ୍ୟାମ୍ପ ରେ ଗ୍ରାମବାସୀ ମାନଙ୍କ ଉପସ୍ଥିତରେ ତଦନ୍ତ ଅନୁସାରେ ମୃତ ରୟତଙ୍କ ଉପରୋକ୍ତ ଉତ୍ତରାଧିକାରୀ ଙ୍କୁ ନିର୍ଣ୍ଣୟ କରାଗଲା ।

ମୃତ ରୟତଙ୍କ ବଂଶାବଳୀ ବୃକ୍ଷ ଏଥି ସହିତ ସଂଲଗ୍ନ କରାଯାଇଛି ।

ରାଜସ୍ୱ ନିରୀକ୍ଷକ ଙ୍କ ସ୍ୱାକ୍ଷର ଓ ମୋହର

Annexure-IV

## Mutation Case Objection Petition Register

| Sl No | Name and address of the objector | Serial number of the mutation case in the mutation register to which the objection relates | Abstract of objection | Date of disposal of the mutation case | Purpose of the order on the objection-petition | Remarks |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | | | | | | |

ANNEXURE-V.



ଦ୍ୱାରା ହସ୍ତାନ୍ତର ହୋଇଥିଲେ ମଧ୍ୟ କ୍ଷମତାପନ୍ନ କୋର୍ଟଙ୍କ ଅନୁମତି ଦରକାର । ତା'ଛଡ଼ା କୋର୍ଟଙ୍କ ଅନୁମତି ନ ନେଇ କୌଣସି ଅଭିଭାବକ ବା ନାବାଳକ ସମ୍ପତ୍ତି 5 ବର୍ଷରୁ ଅଧିକ ପଟ୍ଟା ଦେଇପାରିବେ ନାହିଁ କିମ୍ବା ଯେଉଁ ତାରିଖଠାରୁ ନାବାଳକ ସାବାଳକ ହେବ ସେହି ତାରିଖଠାରୁ ଏକ ବର୍ଷରୁ ବେଶି କୌଣସି ଜମି ପଟ୍ଟା ଦେଇପାରିବେ ନାହିଁ ଅର୍ଥାତ୍ ସେ ସମସ୍ତ ପଟ୍ଟା ସାବାଳକତ୍ୱ ପାଇବାର ବର୍ଷକ ମଧ୍ୟରେ ସରିଯାଇଥିବା ଦରକାର । ଯଦି ସେପରି କେହି କରେ ତେବେ ନାବାଳକ ସାବାଳକ ହେଲେ ଓ ଇଚ୍ଛାକଲେ ତାକୁ ରଦ୍ଦ କରିପାରିବେ । ଅଭିଭାବକ ଉଇଲ୍ ଦ୍ୱାରା ନିଯୁକ୍ତ ହୋଇଥିଲେ ଉପରୋକ୍ତ ପ୍ରଥା ଛଡ଼ା ଉଇଲର ସର୍ତ୍ତ ଅନୁସାରେ ତାଙ୍କର କ୍ଷମତା ନିୟନ୍ତ୍ରିତ ହେବ । 18 ବର୍ଷ ହୋଇଗଲେ ଜଣେ ନାବାଳକ ସାବାଳକ ବୋଲି ଗଣାଯିବ । ଜଣେ ନାବାଳକ ଆଉ ଜଣେ ନାବାଳକର ଅଭିଭାବକ ହୋଇପାରିବ ନାହିଁ ।

ଜଣେ ନାବାଳକର ଜମି ବେଆଇନ୍ ଭାବେ ହସ୍ତାନ୍ତର ହୋଇଥିଲେ ତାହା ନିମ୍ନଲିଖିତ ମତେ ରେକର୍ଡ କରାଯିବ ।

''ନାବାଳକ ପି. ଜା. ବା. ନା...... ମରେ ଖାତା କରି ପ୍ଲଟ ମନ୍ତବ୍ୟରେ ବେ.ଦ.ସ୍ୱ.ଦ: (ବା ଯାହା ହୋଇଥିବ) ପି. ଜା. ବା. ସହିତ ଦଲିଲର ବିବରଣୀ ନୋଟ ହେବ ।''

## 42. ଉତ୍ତରାଧିକାରୀ ନିରୂପଣ

ଜମାବନ୍ଦୀ ରୟତ ଓ ସାବକ ରୟତ ମୃତ ହୋଇଥିଲେ ତାଙ୍କର ଜମି ସେମାନଙ୍କର ଉତ୍ତରାଧିକାରୀମାନଙ୍କ ନାମେ ତଦନ୍ତ କରି ସାକ୍ଷ ପ୍ରମାଣ ନେଇ ବର୍ତ୍ତମାନ ବନ୍ଦୋବସ୍ତ ତଥା କାର୍ଯ୍ୟାଳୟରେ ବିଭିନ୍ନ ପର୍ଯ୍ୟାୟରେ ରେକର୍ଡ କରାଯିବ । ଉତ୍ତରାଧିକାରୀ ସାବ୍ୟସ୍ତ କରିବା ପାଇଁ ବିଭିନ୍ନ ପ୍ରଚଳିତ ଆଇନର ଆଶ୍ରୟ ନେବେ ଏବଂ ସିଭିଲ୍ କୋର୍ଟରେ କୌଣସି ଡିଗ୍ରୀ ଜାରୀ ଥିଲେ ବିଚାରକୁ ନିଆଯାଏ । ନିମ୍ନଲିଖିତ ପ୍ରକାରେ ଥିଲେ ଉତ୍ତରାଧିକାରୀ ସ୍ୱତ୍ୱ ଉଦ୍‌ଭବ ହେବ ।

**ହିନ୍ଦୁ ସକ୍‌ସେସନ ଆକ୍ଟ :**

ଏଇ ଆଇନ୍ 17-6-1956 ତାରିଖଠାରୁ ବଳବତ୍ତର ହେଲା । ଜଣେ ହିନ୍ଦୁ ପୁରୁଷ ତାଙ୍କର ସମ୍ପତ୍ତି ପାଇଁ କୌଣସି ଉଇଲ୍ ନକରି ମୃତ ହୋଇଥିଲେ ସେହି ସମ୍ପତ୍ତି ଉପରେ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କର ସେହିକ୍ଷଣି ସ୍ୱତ୍ୱ ଉଦ୍‌ଭବ ହେବ ।

ପୁତ୍ର କନ୍ୟା ଓ ବିଧବା ସ୍ତ୍ରୀ ସମସ୍ତେ ଏକ ସଙ୍ଗରେ ଉତ୍ତରାଧିକାରୀ ସୂତ୍ରେ ରେକର୍ଡଭୁକ୍ତ କରାଯିବ ଏବଂ ନିମ୍ନମତେ ସ୍ୱତ୍ୱ ଉଦ୍‌ଭବ ହେବ ।

(କ) ପୁତ୍ର, କନ୍ୟା, ବିଧବା ସ୍ତ୍ରୀ, ମାତା

ମୃତ ପୁତ୍ରର ପୁତ୍ର, ମୃତ ପୁତ୍ରର କନ୍ୟା, ମୃତ କନ୍ୟାର ପୁତ୍ର

ମୃତ କନ୍ୟାର କନ୍ୟା, ମୃତ ପୁତ୍ରର ସ୍ତ୍ରୀ ଇତ୍ୟାଦି

ଏମାନେ ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀ ଅନ୍ତର୍ଭୁକ୍ତ ।

(ଖ) ଯଦି ଉପରୋକ୍ତ ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀ ନଥାନ୍ତି ତେବେ ପିତା, ପୁତ୍ରର କନ୍ୟାର ପୁତ୍ର, ପୁତ୍ର କନ୍ୟାର କନ୍ୟା ଇତ୍ୟାଦି କ୍ରମାନ୍ୱୟରେ ସମ୍ପତ୍ତିରେ ଅଧିକାର ପାଇବେ । ଏମାନେ ଦ୍ୱିତୀୟ ଶ୍ରେଣୀର ଉତ୍ତରାଧିକାରୀ ଅନ୍ତର୍ଭୁକ୍ତ ।

(ଗ) ଉପରୋକ୍ତ ଦ୍ୱିତୀୟ ଶ୍ରେଣୀର ଉତ୍ତରାଧିକାରୀ ନଥିଲେ ମୃତ ବ୍ୟକ୍ତିର ନିକଟ ସଂପର୍କ ବନ୍ଧୁମାନେ ଅଧିକାର ପାଇବେ ।

(ଘ) ଉପରୋକ୍ତ କ, ଖ, ଗ ଶ୍ରେଣୀର ଉତ୍ତରାଧିକାରୀମାନଙ୍କର ଅଭାବରେ ମୃତ ବ୍ୟକ୍ତିର ଦୂର ସଂପର୍କୀୟ ବନ୍ଧୁମାନେ ଅଧିକାର ପାଇବେ ।

ପ୍ରଥମ ଶ୍ରେଣୀର ଉତ୍ତରାଧିକାରୀମାନେ ଏକ ସଙ୍ଗରେ ଅଧିକାର ପାଇବେ ଓ ଦ୍ୱିତୀୟ ଶ୍ରେଣୀର ଉତ୍ତରାଧିକାରୀମାନେ କ୍ରମାନ୍ୱୟରେ ସ୍ୱତ୍ୱ ଓ ଅଧିକାର ପାଇବେ ।

ଉତ୍ତରାଧିକାରୀ ସମ୍ବନ୍ଧୀୟ କୌଣସି ସନ୍ଦେହ ଉପୁଜିଲେ ତାହା କେବଳ ଚାର୍ଜ ଅଫିସର ବା କନ୍‌ସୋଲିଡେସନଙ୍କ ସ୍ତରରେ ଫଇସଲା ହେବ ।

## 43. ଉଇଲ

ଯଦି କୌଣସି ଲୋକ ନିଜ ଜୀବଦଶାରେ କିଛି ସମ୍ପତ୍ତି ଦାନ କରିଥାଏ ତତ୍‌କ୍ଷଣାତ୍ ତାଙ୍କ ଜୀବଦଶାରେ କାର୍ଯ୍ୟକାରୀ ହୁଏ । କିନ୍ତୁ ଉଇଲ୍‌ଦାତା ଉଇଲ୍ କରିଯାଇଥିବା ସମ୍ପତ୍ତି ତାଙ୍କର ମୃତ୍ୟୁପରେ ଉଇଲର ସର୍ତ୍ତ ଅନୁସାରେ କାର୍ଯ୍ୟକାରୀ ହୁଏ ।

ଜଣେ ହିନ୍ଦୁ ପୁରୁଷ ବା ସ୍ତ୍ରୀ ଜୀବିତ ଅବସ୍ଥାରେ ତାଙ୍କର ଭୂ-ସମ୍ପତ୍ତି କାହାରିକୁ ଉଇଲ୍ କରି ମୃତ ହୋଇଥିଲେ ଉଇଲର ସର୍ତ୍ତ ମୁତାବକ ଏହା କାର୍ଯ୍ୟକାରୀ ହେବ । ଉଇଲ୍ କର୍ତ୍ତା ଯଦି ତାଙ୍କର ସମ୍ପତ୍ତିକୁ ଯେଉଁ ବ୍ୟକ୍ତି ଉପଭୋଗ କରିବା ପାଇଁ ଉଲ୍ଲେଖ କରିଥାନ୍ତି ସେହି ଉଇଲ୍ ଗ୍ରହୀତା ସମ୍ପତ୍ତି ପାଇବାର ହକ୍‌ଦାର ଅଟନ୍ତି । ତା' ପୂର୍ବରୁ ଉକ୍ତ ଉଇଲ୍ ପ୍ରୋବେଟ୍ ହେବା ଆବଶ୍ୟକ ।

ଉଇଲ୍ ପ୍ରତ୍ୟାହାର ଆଇନାନୁମୋଦିତ ଅଟେ । ଜଣେ ଲୋକ ଗୋଟିଏ ଉଇଲ କରି ପରେ ତାହା ପ୍ରତ୍ୟାହାର କରି ଆଉ ଗୋଟିଏ ଉଇଲ୍ କରିପାରେ । ଏ ସ୍ଥଳରେ ତାଙ୍କର ଶେଷ ଉଇଲ୍‌ଟି କାର୍ଯ୍ୟକାରୀ ହେବ ।

## 44. ମହମଡ଼ାନ ''ଲ''

ଏହି ଆଇନ କେବଳ ମୁସଲମାନ ଧର୍ମାବଲମ୍ବୀମାନଙ୍କ ପାଇଁ ପ୍ରଯୁଜ୍ୟ । ଯେଉଁ ବ୍ୟକ୍ତି ମୁସଲମାନ ଧର୍ମକୁ ବିଶ୍ୱାସ କରନ୍ତି ସେ ମୁସଲମାନ ବୋଲି ଗଣ୍ୟ ହେବେ ।

କୌଣସି ବିବାହିତ ହିନ୍ଦୁ ପୁରୁଷ ଯଦି ମୁସଲମାନ ଧର୍ମ ଗ୍ରହଣକରି କୌଣସି ମୁସଲମାନ ସ୍ତ୍ରୀକୁ ବିବାହ କରିଥିବେ ତେବେ ତାଙ୍କର ମୃତ୍ୟୁପରେ ତାଙ୍କ ସମ୍ପତ୍ତିର ସେହି ମୁସଲମାନ ସ୍ତ୍ରୀ ଓ ତାଙ୍କର ସନ୍ତାନ ସନ୍ତତିଗଣ ହକ୍‌ଦାର । ତାଙ୍କ ପୂର୍ବରୁ ଥିବା ହିନ୍ଦୁ ସ୍ତ୍ରୀ ଓ ତାଙ୍କ ଓ୍ୱାରିଶଦାର ପିଲା ସେହି ସମ୍ପତ୍ତିରେ ଅଧିକାରୀ ହୋଇପାରିବେ ନାହିଁ ।

ମୁସଲିମ୍‌ର ସମ୍ପତ୍ତି ଉତ୍ତରାଧିକାର ନିୟମରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟରେ ପାର୍ଥକ୍ୟ ଅଥବା ସ୍ୱପାର୍ଜିତ ଓ ପୈତୃକ ସମ୍ପତ୍ତି ମଧ୍ୟରେ ତାରତମ୍ୟ ବିଧିସମ୍ମତ ନୁହେଁ । ପ୍ରତ୍ୟେକ ମୁସଲମାନର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସ୍ୱପାର୍ଜିତ ବୋଲି ପରିଗଣିତ ହୁଏ । କୌଣସି ମୁସଲମାନ ପରିବାର ଅବିଭକ୍ତ ନୁହେଁ । ପ୍ରତ୍ୟେକ ପରିବାରର ଟଙ୍କା ପଇସା ଓ ଗୃହପୋକରଣ ଉପରେ ଗୃହ ସ୍ୱାମୀର ଅଧିକାର ସାବ୍ୟସ୍ତ ହୁଏ, ପୂର୍ବ ପୁରୁଷଙ୍କ (Ancestor) ମୃତ୍ୟୁ ଅନ୍ତେ ହିଁ ସମ୍ପତ୍ତିର ଉତ୍ତରାଧିକାରୀଙ୍କର (Inheriting) ଅଧିକାର ବିଦ୍ୟମାନ (Existence) ହୁଏ, ତା' ପୂର୍ବରୁ ସମ୍ପତ୍ତିରେ ତାଙ୍କର ସମ୍ଭାବ୍ୟ ଅଧିକାରର ପ୍ରଶ୍ନ ଉଠେନାହିଁ ।

ଯଦି କୌଣସି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିର ହତ୍ୟା ମୃତ୍ୟୁର କାରଣ ହୋଇଥାଏ, ତେବେ ସେ ମୃତ ବ୍ୟକ୍ତିର ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇପାରିବ ନାହିଁ । କୌଣସି ମୁସଲିମ୍ କୌଣସି ଉଇଲ୍ ନକରି ମରିଗଲେ, ତାଙ୍କର ମୃତ୍ୟୁର ପର ମୁହୂର୍ତ୍ତରୁ ସମ୍ପତ୍ତି ମୃତ ଲୋକଙ୍କ ଉତ୍ତରାଧିକାରୀମାନଙ୍କ ନିକଟକୁ ଚାଲିଯାଏ । ଏହି ଉତ୍ତରାଧିକାରୀ ତିନି ପ୍ରକାରର ଅଟେ ।

(କ) ନିର୍ଦ୍ଧାରିତ (Sharer) ଉତ୍ତରାଧିକାରୀ

(ଖ) ଅବଶିଷ୍ଟାଂଶ ଉତ୍ତରାଧିକାରୀ ଅଥବା ନିର୍ଦ୍ଧାରିତ ଅଂଶ ଉତ୍ତରାଧିକାରୀଙ୍କ ଅଂଶପରେ ଅନ୍ୟ ଅଂଶିଦାର ଯାହାର କି ନିର୍ଦ୍ଦିଷ୍ଟ ଅଂଶ ନଥାଏ ।

(ଗ) ଦୂର ସଂପର୍କୀୟ ଉତ୍ତରାଧିକାରୀ, ଯେଉଁମାନଙ୍କ ସହ ମୃତ ବ୍ୟକ୍ତିର ରକ୍ତ ସଂପର୍କ ଅଛି ଅଥଚ ସେମାନେ ଅଂଶ ନିର୍ଦ୍ଧାରିତ ଅଥବା ଅବଶିଷ୍ଟାଂଶ ଉତ୍ତରାଧିକାରୀ ନୁହନ୍ତି ।

## 45. ଆଦିବାସୀ ସଂପ୍ରଦାୟଙ୍କ ଉତ୍ତରାଧିକାରୀ

ଆଦିବାସୀ ସଂପ୍ରଦାୟ ହିନ୍ଦୁ ଉତ୍ତରାଧିକାରୀ ନିୟମାନୁଯାୟୀ ପରିଚାଳିତ ନୁହଁନ୍ତି । ସେମାନେ ସ୍ଥାନୀୟ ପ୍ରଚଳିତ ପ୍ରଥା ଅନୁଯାୟୀ ପରିଚାଳିତ । ଓଡ଼ିଶା ସରକାରଙ୍କ ଟ୍ରାଇବାଲ୍ ରିସର୍ଚ୍ଚ ବ୍ୟୁରୋ, ଭୁବନେଶ୍ୱର [ଚିଠି ନଂ 1952(TRB) ତା 14-9-1972] ବୌଦ୍ଧ ସବ୍‌ଡିଭିଜନର ହରଭଙ୍ଗା ଦେଶୀଆକନ୍ଧ ପ୍ରଭୃତି କେତେକ ଆଦିବାସୀ ସଂପ୍ରଦାୟଙ୍କ ଉତ୍ତରାଧିକାରୀ ଓ ସୂତ୍ର ନିମ୍ନମତେ ପ୍ରକାଶ କରିଛନ୍ତି ।

ପ୍ରଚଳିତ ପ୍ରଥା ଅନୁଯାୟୀ ଝିଅ ବିବାହ ପରେ ପରିବାରରୁ ବହିଃର୍ଭୂତ ହୋଇଯାଇଥିବାରୁ ଓ ମୃତ ପିତୃପୁରୁଷଙ୍କର ପ୍ରେତାତ୍ମାଙ୍କର ପିଣ୍ଡଦାନ କରୁ ନଥିବାରୁ ଝିଅମାନେ ମୃତ ପିତାଙ୍କର ସମ୍ପତ୍ତିରେ ଉତ୍ତରାଧିକାରୀ ହେବାରୁ ବଞ୍ଚିତ ହେବେ ।

ପୁନଶ୍ଚ ଜଣେ ବିବାହିତ ସ୍ତ୍ରୀ ସ୍ୱାମୀଙ୍କ ପରେ ସ୍ୱାମୀଙ୍କର ପିତୃପୁରୁଷଙ୍କୁ ପିଣ୍ଡଦାନ କରୁ ନଥିବାରୁ ଓ ଗ୍ରାମଦେବାଦେବୀଙ୍କର ପୂଜା ପାଠରେ ଯୋଗ ଦେଉ ନଥିବାରୁ ସେ ମଧ୍ୟ ସମ୍ପତ୍ତିର ପୂର୍ଣ୍ଣ ଉତ୍ତରାଧିକାରୀ ହୋଇପାରିବେ ନାହିଁ ।

ତେଣୁ ପିତାଙ୍କର ମୃତାନ୍ତେ ସମ୍ପତ୍ତି ପୁତ୍ରମାନଙ୍କୁ ପ୍ରାପ୍ତ ହେବ । ପିତାଙ୍କ ପରେ ଜ୍ୟେଷ୍ଠପୁତ୍ର ପରିବାରରେ ପ୍ରଧାନ ସ୍ଥାନ ଅଧିକାର କରୁ ନଥିବାରୁ ସେ ଅନ୍ୟାନ୍ୟ ପୁତ୍ରମାନଙ୍କ ଅପେକ୍ଷା ସାମାନ୍ୟ ଅଧିକ ସମ୍ପତ୍ତି ଭାଗସୂତ୍ରେ ପାଇଥାନ୍ତି । ଅନ୍ୟ ପୁତ୍ରମାନେ ସମ ଭାଗ ପାଆନ୍ତି ।

ପିତାଙ୍କ ଜୀବିତାବସ୍ଥାରେ ମଧ୍ୟ ପୁତ୍ରମାନେ ପୃଥକ୍ ହୋଇଥାନ୍ତି ଓ ପିତାଙ୍କ ଜମି ଭାଗ କରି ଭୋଗ ଦଖଲ କରିଥାନ୍ତି । ଜ୍ୟେଷ୍ଠ ପୁତ୍ର ଅନ୍ୟପୁତ୍ରମାନଙ୍କ ଅପେକ୍ଷା ସାମାନ୍ୟ ଅଧିକ ସମ୍ପତ୍ତି ଭାଗ ସୂତ୍ରେ ପାଇଥାଏ । କିନ୍ତୁ ପିତାମାତା ସାନପୁତ୍ର ସଙ୍ଗରେ ରୁହନ୍ତି । ସେଥିପାଇଁ ସାନପୁଅ ପିତାଙ୍କର ଘର ପାଇବାକୁ ହକ୍‌ଦାର ହୁଅନ୍ତି ।

ଜଣେ ଜମିମାଲିକ, ଯାହାର ପୁତ୍ର ନଥାଏ ସେ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କରିପାରନ୍ତି କିମ୍ୱା ତାଙ୍କର ଏକ ଜ୍ୱାଇଁଙ୍କୁ (Prospective Son-in-Law) ଘରେ ରଖିପାରନ୍ତି ।

ପୋଷ୍ୟପୁତ୍ର ତାଙ୍କର ନିଜ ସଂପ୍ରଦାୟର ହୋଇଥିଲେ ପୋଷ୍ୟ ପିତାଙ୍କ ମୃତାନ୍ତେ ତାଙ୍କର ସମ୍ପତ୍ତି ଉତ୍ତରାଧିକାରୀ ସୂତ୍ରେ ପାଇବାକୁ ହକ୍‌ଦାର ହୁଅନ୍ତି ।

ଜମି ମାଲିକ ରଖିଥିବା ଜ୍ୱାଇଁ ମଧ୍ୟ ବିବାହ ପରେ ଶ୍ୱଶୁରଙ୍କ ଘରେ ଅବସ୍ଥାନ କଲାପରେ ଜମିମାଲିକଙ୍କ ମୃତାନ୍ତେ ତାଙ୍କର ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାନ୍ତି ।

ପ୍ରଥାନୁଯାୟୀ ବଡ଼ ସ୍ତ୍ରୀର ପୁଅମାନେ ସାନ ସ୍ତ୍ରୀର ପୁଅଙ୍କ ଅପେକ୍ଷା ଅଧିକ ଭାଗ ପାଇଥାନ୍ତି । କିନ୍ତୁ ବିଚାର ବିଭାଗୀୟ ରାୟ ଓ ହିନ୍ଦୁ ସମାଜର ଭାଗ ପଦ୍ଧତି ପ୍ରଭାବରେ ଏହା କ୍ରମେ ଅକାମୀ ହେବାକୁ ଯାଉଛି । ଯଦି କୌଣସି ପୁତ୍ର ତାଙ୍କର ଦୁଷ୍କର୍ମ ହେତୁ ସମାଜରୁ ବିତାଡ଼ିତ ହୋଇଥିବେ, ସେ ପିତାଙ୍କର ସମ୍ପତ୍ତିରୁ ଭାଗ ପାଇବାରୁ ବଞ୍ଚିତ ହେବେ ।

ଯଦି ମୃତ ବ୍ୟକ୍ତିଙ୍କର ପୁତ୍ର ମରିଯାଇଥାନ୍ତି ଓ ତାଙ୍କର ନାତି ଜୀବିତ ଥାନ୍ତି, ତେବେ ତାଙ୍କର ସମ୍ପତ୍ତି ତାଙ୍କର ଭାଇ କିମ୍ୱା ଭାଇଙ୍କର ପୁଅ ଉତ୍ତରାଧିକାରୀ ସୂତ୍ରେ ପାଆନ୍ତି ।

ଆବଶ୍ୟକ ଅନୁସନ୍ଧାନ କରାଯାଇ ଯଦି କୌଣସି ଲୋକର ଉଆରସ ନଥାନ୍ତି, ତା'ହେଲେ ତାଙ୍କର ସମ୍ପତ୍ତି ସରକାରଙ୍କଠାରେ ନ୍ୟସ୍ତ ହେବ ଓ ସରକାରୀ ଜମି ରୂପେ ଗଣ୍ୟ କରାଯାଇ ସରକାରୀ ଖାତାଭୁକ୍ତ ହେବ ।

**ବିଶେଷ ଦ୍ରଷ୍ଟବ୍ୟ :**

ଏଠାରେ ମନେରଖିବାକୁ ହେବ ଯେ ଟ୍ରାଇବାଲ୍ ରିସର୍ଚ୍ଚ ବ୍ୟୁରୋକୁ ମିଶାଇ ଅନ୍ୟ ଯେକୌଣସି ଅନୁଷ୍ଠାନ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଉତ୍ତରାଧିକାର ପାଇଁ ପ୍ରଚଳିତ ଯେଉଁ ପ୍ରଥା ବା ପରମ୍ପରା ବିଷୟରେ ଯାହା ପ୍ରକାଶ କରିଥାନ୍ତୁ ନାଁ କାହିଁକି, ତାହା ଗ୍ରହଣ କରି ସେହି ଅନୁସାରେ ରେକର୍ଡ ପ୍ରସ୍ତୁତ କରିବା ପୂର୍ବରୁ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗର ସହମତି ନେବାକୁ ପଡ଼ିବ । ଏ ସଂପର୍କରେ କେବଳ ଜିଲ୍ଲା ମଙ୍ଗଳ ଅଫିସର ବା ତାଙ୍କର ପ୍ରତିନିଧିଙ୍କ ସହମତି ଯଥେଷ୍ଟ ନୁହେଁ । ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଏହାକୁ ଗ୍ରହଣ କରିଥିବେ ଓ ସେହି ମର୍ମରେ ଲିଖିତ ସରକାରୀ ଆଦେଶ କରିଥିବେ । ଯାହାର ହାୱାଲୀ ଉତ୍ତରାଧିକାର ନିରୂପଣ କଲାବେଳେ ଦିଆଯିବ ।

ଏଠାରେ ପୁଣି ମନେରଖିବାକୁ ହେବ ଯେ, ଉତ୍ତରାଧିକାର ପାଇଁ ପ୍ରଚଳିତ ପ୍ରଥା ବା ପରମ୍ପରା ଭିନ୍ନ ଭିନ୍ନ ସଂପ୍ରଦାୟ ପାଇଁ ପୃଥକ୍ ହୋଇପାରେ । ଉଦାହରଣସ୍ୱରୂପ କେତେକ ସଂପ୍ରଦାୟରେ ''ଛାଡ଼ିରି'' ବା ଛାଡ଼ପତ୍ର ପ୍ରଥା ପ୍ରଚଳିତ ଥାଇପାରେ । ''ଛାଡ଼ିରି'' ସ୍ତ୍ରୀ ଲୋକ ପୁନରାୟ ଅନ୍ୟତ୍ର ବିବାହ ମଧ୍ୟ କରିପାରେ ।

ବନ୍ଦୋବସ୍ତ ବା ଚକବନ୍ଦୀ ଶିବିରରେ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଉତ୍ତରାଧିକାର ପାଇଁ କି ପ୍ରକାର ସ୍ଥାନୀୟ ପ୍ରଥା ବା ପରମ୍ପରା ପ୍ରଚଳିତ ଅଛି ସେ ସମ୍ବନ୍ଧରେ କୌଣସି ବିବାଦ ବା ଦରଖାସ୍ତ ବିଚାର ଓ ଫଏସଲା ପାଇଁ ଗ୍ରହଣ କରାଯିବନାହିଁ ।

ଯେଉଁଠାରେ କୌଣସି ନିର୍ଦ୍ଦିଷ୍ଟ ପ୍ରଥା ବା ପରମ୍ପରା ସମ୍ବନ୍ଧେ କୌଣସି ପ୍ରମାଣ ନାହିଁ (ଯାହା ଉପର କଥିତମତେ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗଙ୍କ ସହମତି ପାଇଥିବ) ସେ ସ୍ଥଳରେ ହିନ୍ଦୁ ଉତ୍ତରାଧିକାର ଆଇନର ନିୟମମାନ ପ୍ରଯୁଜ୍ୟ ନୁହେଁ ।

## 46. 1956 ମସିହାର ଆଡ଼ପ୍ସନ୍ ଓ ମେଣ୍ଟେନାନ୍ସ ଆକ୍ଟ

ଏହା ତା. 21-12-1956 ଠାରୁ ବଳବତ୍ତର ହେଲା ଯେ, ଯେକୌଣସି ପ୍ରକୃତିସ୍ଥ ବା ସୁସ୍ଥ ମସ୍ତିଷ୍କ ପୁରୁଷ ନିଜର ପୁତ୍ର ବା କନ୍ୟା ନଥିଲେ ବା ପୁତ୍ରର ପୁତ୍ର ବା କନ୍ୟା ନଥିଲେ ଯେକୌଣସି ଏକ ପୁତ୍ର ବା କନ୍ୟାକୁ ପୋଷ୍ୟପୁତ୍ର ବା ପୋଷ୍ୟ କନ୍ୟା ରୂପେ ଗ୍ରହଣ କରିପାରିବେ । ମାତ୍ର ଏହା କରିବା ପୂର୍ବରୁ ସେ ତାଙ୍କର ଜୀବିତ ସ୍ତ୍ରୀଙ୍କର ବା ସ୍ତ୍ରୀମାନଙ୍କର ମତ ନେବେ ଯଦି ତାଙ୍କର ସ୍ତ୍ରୀ ହିନ୍ଦୁଧର୍ମ ପରିତ୍ୟାଗ କରିଥାନ୍ତି ବା କୌଣସି କୋର୍ଟ ଦ୍ୱାରା ଅପ୍ରକୃତିସ୍ଥ, ଅସୁସ୍ଥ ବା ବିକୃତମତିର ବୋଲି ଘୋଷିତ ହୋଇଥାନ୍ତି, ତେବେ ସେ କ୍ଷେତ୍ରରେ ତାଙ୍କର ମତ ନେବାର ଆବଶ୍ୟକତା ନାହିଁ ।

ସେହିପରି ଏକ ସାବାଳକ ହିନ୍ଦୁ ସ୍ତ୍ରୀ ମଧ୍ୟ ନିଜର ପୁତ୍ର ବା କନ୍ୟା ନଥିଲେ ବା ପୁତ୍ରର ପୁତ୍ର ବା କନ୍ୟା ନଥିଲେ ଓ ସେ ଯଦି ଅପ୍ରକୃତିସ୍ଥ ବା ବିକୃତମତିର ହୋଇ ନଥାନ୍ତି ବା ଯଦି ସେ ଅବିବାହିତ ଥିବେ ବା ବିବାହିତ ହୋଇଥିଲେ ତାଙ୍କର ସ୍ୱାମୀ ମରିଯାଇଥାନ୍ତି ବା ସେ ହିନ୍ଦୁଧର୍ମ ତ୍ୟାଗ କରିଥାନ୍ତି ବା କୌଣସି କୋର୍ଟ ଦ୍ୱାରା ଅପ୍ରକୃତିସ୍ଥ ବା ବିକୃତ ମସ୍ତିଷ୍କର ବୋଲି ଘୋଷିତ ହୋଇଥାନ୍ତି ବା ଯଦି ତାଙ୍କର ବିବାହ ଉଚ୍ଛେଦ ହୋଇଥାଏ, ତେବେ ସେ ମଧ୍ୟ ଯେକୌଣସି ପୁତ୍ରକୁ ବା କନ୍ୟାକୁ ନିଜର ପୋଷ୍ୟପୁତ୍ର ବା ପୋଷ୍ୟାକନ୍ୟା ରୂପେ ଗ୍ରହଣ କରିପାରିବେ ।

କୌଣସି ବାଳକ ଓ ବାଳିକାକୁ ପୋଷ୍ୟ କରିଦେବା କ୍ଷମତା କେବଳ ଜନ୍ମିତ ପିତାମାତାଙ୍କର ଏବଂ ତାଙ୍କ ଅଭାବରେ ଅଭିଭାବକଙ୍କର ବଭଜ ପାଇଁ ସମର୍ଥ ହୋଇପାରିବେ । ଯେକୌଣସି ସୁସ୍ଥ ମସ୍ତିଷ୍କ ବ୍ୟକ୍ତି ତାଙ୍କ ସ୍ତ୍ରୀ ବା ସ୍ତ୍ରୀମାନଙ୍କ ସମ୍ମତକ୍ରମେ ପୋଷ୍ୟପୁତ୍ର ବା ପୋଷ୍ୟ କନ୍ୟା ଗ୍ରହଣ କରିପାରିବେ । ପୋଷ୍ୟ ପୁତ୍ର କନ୍ୟା ଗ୍ରହଣ କରିବାପାଇଁ ରେଜିଷ୍ଟ୍ରେସନ୍ ଆବଶ୍ୟକ କିନ୍ତୁ ବାଧ୍ୟତାମୂଳକ ନୁହେଁ । ପୋଷ୍ୟପୁତ୍ର ଓ ପୋଷ୍ୟାକନ୍ୟା ଗ୍ରହଣ ପାଇଁ ଉଭୟ ଗ୍ରହୀତା ବା ଜନ୍ମିତ ପିତା କିମ୍ବା ମାତାଙ୍କ ସମ୍ମତି ଥିବା ଆବଶ୍ୟକ ।

ଯେଉଁମାନଙ୍କୁ ପୋଷ୍ୟପୁତ୍ର ବା ପୋଷ୍ୟାକନ୍ୟା ରୂପେ ଗ୍ରହଣ କରାଯିବ, ସେମାନେ ହିନ୍ଦୁ ହୋଇଥିବେ ଓ ପୂର୍ବରୁ ଅନ୍ୟ କାହା ଦ୍ୱାରା ପୋଷ୍ୟପୁତ୍ର ବା ପୋଷ୍ୟାକନ୍ୟା ରୂପେ ଗୃହୀତ ହୋଇନଥିବେ । ସେମାନେ ଅବିବାହିତ ଥିବେ ଓ 15 ବର୍ଷରୁ ଅଧିକା ବୟସ୍କ ହୋଇନଥିବେ । ବାପ ପୋଷ୍ୟାଝିଅ ଓ ମା ପୋଷ୍ୟ ପୁଅ ଦୁହିଁଙ୍କ ମଧ୍ୟରେ 21 ବର୍ଷର ବ୍ୟବଧାନ ରହିଥିବ । ଭାରତର ସମ୍ବିଧାନ ଅନୁଯାୟୀ, ଯେକୌଣସି ଜାତିର ପୁଅଝିଅଙ୍କୁ ପୋଷ୍ୟପୁତ୍ର ରୂପେ ନିଆଯାଇପାରିବ ।

ବିଧିବଦ୍ଧ ପୋଷ୍ୟପୁତ୍ର ବା ପୋଷ୍ୟା କନ୍ୟା ହୋଇଥିଲେ ପୁତ୍ର ବା କନ୍ୟା ଓ୍ୱାରସଦାର ରୂପେ ସେମାନଙ୍କର ଅଧିକାର ରେକର୍ଡ କରାଯିବ ।

ପୋଷ୍ୟପୁତ୍ର ବା ପୋଷ୍ୟା କନ୍ୟା Adoption ସମ୍ବନ୍ଧୀୟ ବିବାଦ ସହକାରୀ ଚକବନ୍ଦୀ ଅଫିସର ବା ସହକାରୀ ବନ୍ଦୋବସ୍ତ ଅଫିସର ଫଏସଲା କରିପାରିବେ ନାହିଁ । ସେପରିସ୍ଥଳେ ସେ ପକ୍ଷମାନଙ୍କୁ ସିଭିଲ୍ କୋର୍ଟର ଆଶ୍ରୟ ନେବାକୁ ପରାମର୍ଶ ଦେବେ ।

## 47. 1895 ମସିହାର Governments Grant Act ଅନୁସାରେ ବନ୍ଦୋବସ୍ତ ହୋଇଥିବା ଜମି

ସାଧାରଣତଃ ସରକାର 1962 ମସିହାର ଭୂମି ବନ୍ଦୋବସ୍ତ ଆଇନ ଅନୁସାରେ ଚାଷ ବା ଅଣଚାଷ ଉଦ୍ଦେଶ୍ୟରେ ଜମି ବନ୍ଦୋବସ୍ତ କରିଥାନ୍ତି । ତା'ଛଡ଼ା ଭୂ-ସଂସ୍କାର ଆଇନ ଅନୁସାରେ ଉଦ୍‌ବୃତ୍ତ ବୃଦ୍ଧି ବ୍ୟକ୍ତିବିଶେଷଙ୍କ ନାମରେ ବନ୍ଦୋବସ୍ତ ହୋଇଥାଏ । ପୁଣି 1972 ମସିହାର ଭୂମି ଅବରୋଧ ନିରାକରଣ ଆଇନ ଅନୁସାରେ ଆପତ୍ତିବିହୀନ ବେଆଇନ୍ ଦଖଲ ଜମିକୁ ଭୂମିହୀନ ବା ବାସଡିହହୀନ ଲୋକମାନଙ୍କ ସପକ୍ଷରେ ବନ୍ଦୋବସ୍ତ କରାଯାଇଥାଏ । ଏହାଛଡ଼ା କେତେକ ସ୍ୱତନ୍ତ୍ର ଆଇନ (ଯଥା– ଜମିଦାରୀ ଉଚ୍ଛେଦ ଆଇନ୍, ଭୂ-ସଂସ୍କାର ଆଇନ୍ ଇତ୍ୟାଦି) ଦ୍ୱାରା ଦିଆଯାଇଥିବା କ୍ଷମତା ବଳରେ କ୍ଷମତାପ୍ରାପ୍ତ ଅଧିକାରୀ (ଯଥା– ଇଷ୍ଟେଟ୍ ଆବୋଲିସନ୍ କଲେକ୍ଟର, ରେଭିନ୍ୟୁ ଅଫିସର ଇତ୍ୟାଦି) ରୟତ ସ୍ୱତ୍ୱରେ ଜମି ବନ୍ଦୋବସ୍ତ କରିଥାନ୍ତି ।

ଏହାଛଡ଼ା କେତେକ କ୍ଷେତ୍ରରେ ସରକାର ତାଙ୍କର ସାର୍ବଭୌମ କ୍ଷମତା ବଳରେ 1895 ମସିହାର Government Grants Act ଅନୁସାରେ ବ୍ୟକ୍ତି ବା ଅନୁଷ୍ଠାନ ବିଶେଷଙ୍କ ପକ୍ଷରେ ଜମି ବନ୍ଦୋବସ୍ତ କରିଥାନ୍ତି । ସେ କ୍ଷେତ୍ରରେ ଜମି ବନ୍ଦୋବସ୍ତର ଉପଯୁକ୍ତ ପ୍ରମାଣ ଦର୍ଶାଇଲେ ସଂପୃକ୍ତ ପକ୍ଷଙ୍କ ନାମରେ ଖାତା ହୋଇ ବିଶେଷ ଅନୁସଙ୍ଗରେ ନିମ୍ନଲିଖିତ ନୋଟ୍ ରହିବ । ''ଏହି ଖାତାର ଜମି 1895 ମସିହାର Government Grants Act ଅନୁସାରେ ବନ୍ଦୋବସ୍ତ ହୋଇଅଛି ।''